# ନବୀନଙ୍କ ନିରବତା

୨୧/୦୧/୨୦୦୧

ଓଡ଼ିଶାର ସ୍ୱାର୍ଥ ସହିତ ଜଡ଼ିତ ଅଧିକାଂଶ ମୌଳିକ ପ୍ରସଙ୍ଗଗୁଡ଼ିକ ଉପରେ ଆମର ରାଜନୈତିକ ନେତା ଓ ଦଳମାନଙ୍କର ସ୍ପଷ୍ଟ ମତ ଥିଲାପରି ମନେ ହେଉନାହିଁ । ଆମ ବିଚାରରେ ଦରିଦ୍ର ଓଡ଼ିଶାର ଏହା ସବୁଠାରୁ ବଡ଼ ଦାରିଦ୍ର୍ୟ । ଶାସନ ମୁଖ୍ୟ ହିସାବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏହା ବୋଧହୁଏ ବେଶ୍ ସୁହାଉଛି । ସେ ମଧ୍ୟ ଅଧିକାଂଶ ପ୍ରସଙ୍ଗ ଉପରେ ନିରବ ରହିବାର ଏକ ସୁବିଧାବାଦୀ ନୀତିକୁ ଆପଣେଇଛନ୍ତି । ନବୀନବାବୁ ସ୍ୱଳ୍ପଭାଷୀ ବୋଲି ସମସ୍ତେ ଜାଣନ୍ତି । ଅଳ୍ପ କଥା କହିବା ତାଙ୍କର ସ୍ୱଭାବସୁଲଭ ଚରିତ୍ର କି ଓଡ଼ିଆ ଜାଣି ନ ଥିବାରୁ ସେ ଏପରି ସୁବିଧାବାଦୀ ନୀତିକୁ ଅନୁସରଣ କରି କମ୍ କଥା କହୁଛନ୍ତି ତାହା କିନ୍ତୁ ଆମେ ଜାଣୁନା । ଆମ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଶାସନ ମୁଖ୍ୟ ନିଜକଥା କହିବା ପାଇଁ ଅନେକଗୁଡ଼ିଏ ସୁଯୋଗ ପାଏ । ବିଧାନସଭା ଅଧିବେଶନ ଚାଲୁଥିବାବେଳେ, ବିଧାନସଭାରେ ଯାହାକିଛି କୁହାଯାଏ ତାହାକୁ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ । ମୁଖ୍ୟମନ୍ତ୍ରୀ ଗୃହରେ ଯାହା କହନ୍ତି ତାହା ହିଁ ସରକାରଙ୍କର ମତି ଓ ନୀତି ବୋଲି ଧରିନିଆଯାଏ । ବିଧାନସଭାରେ ନବୀନବାବୁ ସେଭଳି କିଛି ଉଲ୍ଲେଖନୀୟ ବକ୍ତବ୍ୟ ଦେଇଥିବାପରି ମନେ ପଡୁନାହିଁ । ସେ ତ ବିଧାନସଭାକୁ ନିର୍ଧାରିତ ସମୟର ୧୩ ଦିନ ପୂର୍ବରୁ ବନ୍ଦ କରିଦେଲେ । ବିଧାନସଭା ବାହାରେ ଅଧିକାଂଶ ସଭାସମିତିରେ ପକେଟ୍‌ରୁ କ'ଣ ଗୋଟେ କାଗଜ ବାହାର କରି ଦି'ଚାରିପଦ ଇଂରାଜୀରେ ପଢ଼ିଦେଇ ସେ ବସି ପଡୁଛନ୍ତି । ଅସଲ ପ୍ରସଙ୍ଗକୁ ଆଦୌ ଯାଉନାହାନ୍ତି । ସଭାମଞ୍ଚମାନଙ୍କରୁ ମୁଖ୍ୟମନ୍ତ୍ରୀଙ୍କର ବକ୍ତବ୍ୟ କାହାରିକୁ ପ୍ରଭାବିତ କରିପାରୁନାହିଁ । ଫଳରେ ଅଧିକାଂଶ ପ୍ରସଙ୍ଗ ଉପରେ ସରକାରଙ୍କର ଆଭିମୁଖ୍ୟ ନେଇ ଅନେକ ସନ୍ଦେହ ରହିଯାଉଛି । ଅନ୍ୟ ମନ୍ତ୍ରୀମାନେ ବା ଶାସନ ସଚିବମାନେ ଯାହା କିଛି କହିଲେ ମଧ୍ୟ ତା'ର ଆଦୌ ଗୁରୁତ୍ୱ ରହୁନାହିଁ । ବହୁ ଆବେଗ ଓ ଆକାଂକ୍ଷାର ପ୍ରତୀକ ସାଜିଥିବା ନବୀନବାବୁଙ୍କର ଓଡ଼ିଶାବାସୀଙ୍କ ପ୍ରତି ଏ ପ୍ରକାର ଆଚରଣ ଆଦୌ ଗ୍ରହଣୀୟ ହେଉନାହିଁ । ନବୀନବାବୁ ଓଡ଼ିଆ ନ କହିଲେ ନାହିଁ, ଓଡ଼ିଶାର ସ୍ୱାର୍ଥପାଇଁ ଦି'ପଦ ଇଂରାଜୀରେ ହେଉ ପଛେ, ସ୍ପଷ୍ଟ ଭାବରେ କହନ୍ତୁ ଏବଂ ଜୋର୍ କରି କହନ୍ତୁ ।

ଏହି ପରିପ୍ରେକ୍ଷୀରେ ପାରାଦୀପଠାରେ ପ୍ରତିଷ୍ଠା ହେବାକୁ ଯାଉଥିବା ତୈଳ ପ୍ରକଳ୍ପର କଥା ବିଚାରକୁ ନିଆଯାଉ । ପାରାଦୀପଠାରେ ଏକ ତୈଳ ବିଶୋଧନାଗାର ପ୍ରତିଷ୍ଠା କରିବାପାଇଁ ବହୁବର୍ଷ ତଳୁ ପ୍ରସ୍ତାବ ଦିଆଯାଇଥିଲା । ଶେଷରେ ଗତ ମେ ମାସ ୨୪ ତାରିଖରେ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଏ ପ୍ରକଳ୍ପର ଶିଳାନ୍ୟାସ କଲେ । ବିଜେଡି-ବିଜେପି ମେଣ୍ଟ ସରକାରର ଏହା ଅନ୍ୟ ଏକ ଉପଲବ୍ଧି ବୋଲି ପ୍ରଚାର କରାଗଲା । ୧୦୦ ଦିନର ସଫଳତାର ଚିଠା ମଧ୍ୟରେ ଏହା ମଧ୍ୟ ଅଗ୍ରଭାଗରେ ସ୍ଥାନିତ ହେଲା । ଆଜି 'ଆଇ.ଓ.ସି.'ର ଅଧ୍ୟକ୍ଷ ଶ୍ରୀଯୁକ୍ତ ପଠାନ୍ ଓଡ଼ିଶା ସରକାର ଆଇ.ଓ.ସି.କୁ ୧୭ ବର୍ଷର ବିକ୍ରିକର ଛାଡ଼ ନ କଲେ ଏ ପ୍ରକଳ୍ପ କାର୍ଯ ଆଗେଇପାରିବ ନାହିଁ ବୋଲି ଧମକ ଦେଇଛନ୍ତି । କେବଳ ଧମକ ଦେଇନାହାନ୍ତି, ଆଇ.ଓ.ସି.କୁ ନିଜର ପୈତୃକ ସମ୍ପତ୍ତି ବୋଲି ଭାବି ବର୍ତ୍ତମାନ ପାଇଁ କାର୍ଯ ବନ୍ଦ ରଖିବାପାଇଁ ଆଦେଶ ମଧ୍ୟ ଦେଇଛନ୍ତି । ଇତିମଧ୍ୟରେ ମୁଖ୍ୟ ଶାସନ ସଚିବ ଏବଂ ଅର୍ଥ ସଚିବ ନୂଆଦିଲ୍ଲୀ ଯାଇ ଆଲୋଚନା କରି ବିଫଳ ହୋଇ ଫେରିଛନ୍ତି । କୁହାଯାଉଛି, ପୁଣି ଏକ ପ୍ରତିନିଧି ଦଳ ଓଡ଼ିଶା ଆସି ଅଧିକ ଆଲୋଚନା କରିବେ । ଆମ ବିଚାରରେ ଏ ସମସ୍ତ ଆଲୋଚନା ଓ ପର୍ଯାଲୋଚନା ସମ୍ପୂର୍ଣ୍ଣ ନିରର୍ଥକ ଓ ଅନାବଶ୍ୟକ । ପଠାନ୍ ସାହେବଙ୍କର ଧମକ ଦିଲ୍ଲୀର ଦାଦାଗିରି ଛଡ଼ା ଅନ୍ୟ କିଛି ନୁହେଁ । ଏହାଦ୍ୱାରା ଦରିଦ୍ର ଓଡ଼ିଶାକୁ ଏକରକମ ବ୍ଲାକ୍‌ମେଲ୍ କରାଯାଉଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଏ ପରିସ୍ଥିତିରେ ଆମ ମୁଖ୍ୟମନ୍ତ୍ରୀଙ୍କର ମତ କ'ଣ, ମେଣ୍ଟ ସରକାରର ଆଭିମୁଖ୍ୟ କ'ଣ, ବିଜେପି ଓ ବିଜେଡି ଦଳର ଭୂମିକା କ'ଣ - ଏ ସମସ୍ତ ପ୍ରଶ୍ନର ଉତ୍ତର ଜାଣିବାପାଇଁ ଓଡ଼ିଶାବାସୀଙ୍କର ଅଧିକାର ଅଛି । ଓଡ଼ିଶା ଉପକୂଳରେ ତୈଳ ବିଶୋଧନାଗାର ପ୍ରତିଷ୍ଠା କରି ଆମର କିଛି କିଛି ନେତାଏ ଆମପ୍ରତି ଦୟା କରୁଛନ୍ତି ବୋଲି ଭାବୁଛନ୍ତି । ସେମାନେ ଜାଣି ରଖିବା ଉଚିତ୍ ଯେ, ତୈଳ ବିଶୋଧନାଗାରଟି କେବଳ ଏକ ବନ୍ଦର ସହରରେ ପ୍ରତିଷ୍ଠିତ ହୋଇପାରିବ । ଜଗନ୍ନାଥଙ୍କ ଆଶୀର୍ବାଦରୁ ଓଡ଼ିଶା ୫୦୦ କିଲୋମିଟରର ବେଳାଭୂମି ପାଇଛି ଏବଂ ଏ ସୁଦୀର୍ଘ ବେଳାଭୂମିରେ ତିନି-ତିନିଟି ବନ୍ଦର ପ୍ରତିଷ୍ଠାର ସମ୍ଭାବନା ରହିଛି । ବିକ୍ରିକର ଛାଡ଼ ପ୍ରଶ୍ନ ଏ କ୍ଷେତ୍ରରେ ଏକାନ୍ତ ଅବାଂଛିତ ଓ ଅପ୍ରାସଙ୍ଗିକ । ବିକ୍ରିକର

## ଆମ ଘରର ହାଲ୍‌ଚାଲ୍

ସୌମ୍ୟରଂଜନ ପଟ୍ଟନାୟକ

ଛାଡ଼ର ପ୍ରତିଯୋଗିତା ଭାରତରେ ବିକାଶର ପ୍ରକ୍ରିୟାକୁ କିପରି ବିଷମ କରିଛି ତାହା ସମସ୍ତେ ଜାଣନ୍ତି । ବିକାଶର ସୁଷମ ବଣ୍ଟନ ପାଇଁ ଏ ପ୍ରକାର ପ୍ରତିଯୋଗିତାରୁ ନିବୃତ୍ତ ରହିବା ନିମନ୍ତେ କେନ୍ଦ୍ର ସରକାର ବରାବର ଆହ୍ୱାନ ଦେଇ ଆସୁଛନ୍ତି । ରାଜ୍ୟ ଅର୍ଥମନ୍ତ୍ରୀମାନଙ୍କର ସମ୍ମିଳନୀରେ ବିକ୍ରିକର ଛାଡ଼ ଆଦିର ସୁଯୋଗକୁ ଉତ୍ସାହିତ ନ କରିବା ପାଇଁ ଦୃଢ଼ ନିଷ୍ପତ୍ତି ନିଆଯାଇଛି । ଯେଉଁ ରାଜ୍ୟମାନେ ଏଭଳି ଅବାଂଛିତ ଲାଞ୍ଚ ଦେବେ ସେମାନଙ୍କ ବିରୋଧରେ ଆର୍ଥିକ ଦଣ୍ଡ ବ୍ୟବସ୍ଥା ଗ୍ରହଣ କରାଯିବା ପାଇଁ ଓଲଟା ପ୍ରସ୍ତାବ ଦିଆଯାଇଛି । ତେଣୁ ପାରାଦୀପ ତୈଳ ପ୍ରକଳ୍ପରେ ବିକ୍ରିକର ଛାଡ଼ ପ୍ରସଙ୍ଗ ଆଦୌ ଉଠିବା କଥା ନୁହେଁ । ତେବେ ଯେଉଁ କେତେଗୁଡ଼ିଏ ସରକାରୀ ଚିଠି ବା ଦସ୍ତାବିଜକୁ ଆଧାର କରି ଆଜି ପଠାନ୍ ସାହେବ ତାଙ୍କର ଅବାନ୍ତର ଯୁକ୍ତି ଉପସ୍ଥାପିତ କରୁଛନ୍ତି, ତାହା ମଧ୍ୟ କେତେ ଗ୍ରହଣଯୋଗ୍ୟ ବିଚାର କରାଯାଉ । ୧୯୯୬ ମସିହାରେ ଓଡ଼ିଶା ସରକାରଙ୍କ ଦ୍ୱାରା ଘୋଷିତ ଶିଳ୍ପନୀତିରେ ବିକ୍ରିକର ଛାଡ଼ର ପ୍ରସଙ୍ଗ ଥିଲା । ଏହି ଶିଳ୍ପନୀତିର ବିଭିନ୍ନ ସର୍ତ୍ତକୁ ହିସାବ କରି ପଠାନ୍ ସାହେବ ୧୭ ବର୍ଷ ପାଇଁ ବିକ୍ରିକର ଛାଡ଼ ସୁବିଧାର ଦାବିଦାର ହେବାକୁ ଚାହୁଁଛନ୍ତି । ତା' ନ ହେଲେ ତାଙ୍କ ପ୍ରକଳ୍ପ ଆର୍ଥିକ ଦୃଷ୍ଟିକୋଣରୁ ସଫଳ ହେବନାହିଁ । ଜାଣିଶୁଣି ଏକ କ୍ଷତିକାରକ ପ୍ରକଳ୍ପକୁ ଆଗେଇନେବା ଉଚିତ ହେବନାହିଁ ବୋଲି ସେ ଓଲଟା ଯୁକ୍ତି କରୁଛନ୍ତି । ଆମର ଏ ସମ୍ପର୍କରେ ସରଳ ପ୍ରଶ୍ନଟି ହେଲା, ପଠାନ୍ ସାହେବ ଯେଉଁ ଶିଳ୍ପନୀତିର ସୁଯୋଗ ନେବାପାଇଁ ଚାହୁଁଛନ୍ତି ତାହା ତାଙ୍କର ଶିଳାନ୍ୟାସ ସମୟରେ ବଳବତ୍ତର ଥିଲା କି ? ବର୍ତ୍ତମାନ ସେ ଆଇନରେ ପରିବର୍ତ୍ତନ ହୋଇନାହିଁ କି ? ଆମେ ବିଧି ଶାସନରେ ବିଶ୍ୱାସ କରୁଛୁ, ଆଇନର ଆଖିରେ ସମସ୍ତେ ସମାନ ବୋଲି କହୁଛୁ, ତେବେ କେଉଁ ଆଇନରେ ଆଜି ପଠାନ୍ ସାହେବଙ୍କୁ ୧୭ ବର୍ଷ ପାଇଁ ୧୩ ହଜାର କୋଟି ଟଙ୍କାର ବିକ୍ରିକର ଛାଡ଼ି ଦିଆଯିବ ? ପୁଣି କେନ୍ଦ୍ର ସରକାର ଏକପକ୍ଷରେ ବିକ୍ରିକର ଛାଡ଼ ଆଦି ଅବାଂଛିତ ସୁବିଧାସୁଯୋଗର ବ୍ୟବହାର ନିଷିଦ୍ଧ କରୁଥିବାବେଳେ କେଉଁ ମୁହଁରେ ନିଜର ଅନ୍ୟ ଏକ ପ୍ରକଳ୍ପ ପାଇଁ ଏହି ସୁବିଧାକୁ ଦାବି କରୁଛନ୍ତି ? କେନ୍ଦ୍ର ସରକାରଙ୍କର ଏ ପ୍ରକାର ଦୋମୁହାଁ ନୀତି ସ୍ପୃହଣୀୟ କି ? ଯଦି ପାରାଦୀପରେ ଏ ପ୍ରକଳ୍ପ ନ ହେବ, ତେବେ କ'ଣ ଏ ପ୍ରକଳ୍ପଟିକୁ ପୂରାପୂରି ବାତିଲ୍ କରିଦିଆଯିବ ? ନା ଏହାକୁ ନେଇ ଗୁଜରାଟ, ମହାରାଷ୍ଟ୍ର, ଆନ୍ଧ୍ର, କର୍ଣ୍ଣାଟକ ବା ତାମିଲ୍‌ନାଡୁର କେଉଁ ଏକ ବନ୍ଦର ସହରରେ ପ୍ରତିଷ୍ଠା କରାଯିବ ? ସେଠି ଏହା କିପରି ଲାଭଦାୟକ ହେବ ? ଓଡ଼ିଶା ପ୍ରତି କେନ୍ଦ୍ର ସରକାରଙ୍କର ଏ ପ୍ରକାର ପୋଇଲିପୁଅର ବ୍ୟବହାର ଆଦୌ ସହିହେଉନାହିଁ । ଆମ ବିଜୁପୁଅ ଯଦି ଏଇ କଥାଟିକୁ ଜୋର୍‌ରେ ତାଙ୍କ ଇଂରାଜୀରେ ବାଜପେୟୀଙ୍କୁ ଟିକେ କହିଦିଅନ୍ତେ, ତାହାହେଲେ ସବୁ ସମସ୍ୟାର ସମାଧାନ ହୋଇଯାଆନ୍ତା । କିନ୍ତୁ ଆମ ନେତାମାନଙ୍କର ରକ୍ତରେ କ'ଣ ସେ ଉଷ୍ମତା ଅଛି ? ମମତା ଛିଙ୍କିଲେ ବାଜପେୟୀଙ୍କୁ ଥଣ୍ଡା ଧରିଯାଉଛି । କାଳବିଳମ୍ବ ନ କରି ଡାକ୍ତର ଫର୍ଣ୍ଣାଣ୍ଡିଜ୍ କଲିକତାକୁ ଔଷଧ ଧରି ଦଉଡୁଛନ୍ତି । କିନ୍ତୁ ଆମପାଇଁ ଗୋଟିଏ ପରେ ଗୋଟିଏ ଅନ୍ୟାୟ ହେଇ ଚାଲିଛି । ଆମର ନ୍ୟାଯ୍ୟ ଦାବିଗୁଡ଼ିକ ଉପେକ୍ଷିତ ହେଉଛି । ଆମ ନେତାମାନେ କିନ୍ତୁ ବ୍ୟକ୍ତିଗତ କୁହାରଟନା ଓ ପରସ୍ପର ପ୍ରତି ଦୋଷାରୋପ କରିବାରେ ଏତେ ବ୍ୟସ୍ତ ଯେ, ଓଡ଼ିଶାର କୌଣସି ଗୋଟିଏ ମୌଳିକ ସମସ୍ୟାକୁ ନେଇ ଏକଜୁଟ ହୋଇପାରୁନାହାନ୍ତି । ଉପଯୁକ୍ତ ସ୍ୱର ଉତ୍ତୋଳନ ଅଭାବରୁ ଆମକୁ ସମସ୍ତେ ଦୁର୍ବଳ ବୋଲି ଭାବୁଛନ୍ତି । ଆମ ରାଜନୈତିକ ଦଳଗୁଡ଼ିକ ସବୁ ମୌଳିକ ପ୍ରସଙ୍ଗ ଉପରେ ନିରବ ରହିବା ଅଧିକ ଉଚିତ ମନେ କରୁଛନ୍ତି । ଷଢ଼େଇକଳା-ଖରସୁଆଁ ପ୍ରସଙ୍ଗରେ କୌଣସି ଦଳର ପାଟି ଫିଟିଲା ନାହିଁ । ମମତା ଅପା ଗାଲେଇ ଗାଲେଇ ପୂର୍ବତଟ ରେଳବାଇର ମୁଖ୍ୟଦପ୍ତର ପ୍ରଶ୍ନକୁ ଅପ୍ରାସଙ୍ଗିକ କରିସାରିଲେଣି । କୋଇଲା ରୟାଲ୍‌ଟି, ମରୁଡ଼ି ସାହାଯ୍ୟ କଥା ପଚାରେ କିଏ ? ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଦେବାପାଇଁ କିଏ ବା କାହିଁକି ବାଧ୍ୟ ହେବେ ? ଓଡ଼ିଶା ଭାରତର ଅନ୍ୟ ଏକ ଅଂଶ ଭାବରେ ତା'ର ଅବଦାନ ଦେବାରେ ଆଦୌ କୌଣସି କାର୍ପଣ୍ୟ କରିନାହିଁ । ଆଜି ଯେତେବେଳେ ଅଗ୍ନିର ସଫଳ ଉତ୍‌କ୍ଷେପଣ କରି ଆମର ରକ୍ଷାମନ୍ତ୍ରୀ ଗର୍ବ ଅନୁଭବ କରୁଛନ୍ତି, ସେତେବେଳେ ଋଣଗ୍ରସ୍ତ ବାତ୍ୟା, ବନ୍ୟା, ମରୁଡ଼ି ପ୍ରପୀଡ଼ିତ ଦରିଦ୍ର ଓଡ଼ିଶାବାସୀଙ୍କ କଥା ଟିକିଏ ସ୍ମରଣ କରନ୍ତୁ । ଓଡ଼ିଶାର ବିଜେପି ନେତାମାନେ ମଧ୍ୟ ତାଙ୍କର ନିରବତା ଭଙ୍ଗ କରନ୍ତୁ । ଓଡ଼ିଶାର ସ୍ୱାର୍ଥ ପାଇଁ ପାଟି ଫିଟେଇବାରେ କାର୍ପଣ୍ୟ କରନ୍ତୁନାହିଁ । ବାଜପେୟୀ କି ଆଡଭାନୀ ତାଙ୍କୁ କେବେହେଲେ ଖରାପ ଭାବିବେ ନାହିଁ । ତା'ନ ହେଲେ ସାଧାରଣରେ ଅନ୍ୟ ଏକ ଧାରଣା ସୃଷ୍ଟି ହେବ । ନବୀନବାବୁଙ୍କ ନିରବତାର କାରଣ ସମ୍ପର୍କରେ ସାଧାରଣରେ ଗୋଟିଏ ଧାରଣା ସୃଷ୍ଟି ହେବାକୁ ବସିଲାଣି । ଓଡ଼ିଶାରେ ବିଜେଡି-ବିଜେପିର ମେଣ୍ଟ ସିନା ହୋଇଛି; କିନ୍ତୁ ହାତୀର ଦୁଇ ରକମର ଦାନ୍ତ ଥିଲାପରି କେନ୍ଦ୍ରରେ ନବୀନ-ବାଜପେୟୀଙ୍କର ମଧ୍ୟ ଭିନ୍ନ ଏକ ମେଣ୍ଟ ହୋଇଛି । ତାହା ହିଁ ଅସଲ ମେଣ୍ଟ । ଏ ଅଲିଖିତ ମେଣ୍ଟର ମୂଳମନ୍ତ୍ର ହେଲା- ତୁମେ ଓଡ଼ିଶାରେ ଯାହା କରୁଛ କର, ଆମ ଓଡ଼ିଆ ବିଜେପିବାଲା ପାଟି ଫିଟେଇବେ ନାହିଁ । ମଝିରେ ମଝିରେ ଦୋଷ ଛଡ଼େଇବା ପାଇଁ ଭୁକିବେ ସିନା; କାମୁଡ଼ିବେ ନାହିଁ । ତୁମେ କିନ୍ତୁ କେନ୍ଦ୍ର ବିରୋଧରେ ଆଦୌ ଓଡ଼ିଶାର କୌଣସି ପ୍ରସଙ୍ଗକୁ ନେଇ ସ୍ୱର ଉତ୍ତୋଳନ କରିବ ନାହିଁ । ଆମ ବିଚାରରେ ଏ ପ୍ରକାର ଅଲିଖିତ ଚୁକ୍ତିନାମା ନବୀନବାବୁଙ୍କ ପାଇଁ ସୁବିଧାଜନକ ହୋଇପାରେ । କିନ୍ତୁ ଓଡ଼ିଶାର ସ୍ୱାର୍ଥପାଇଁ ଆଦୌ ଅନୁକୂଳ ନୁହେଁ । ଏ ଧାରଣାକୁ ଦୂର କରିବାକୁ ହେଲେ ବିଜେପି ଓ ବିଜେଡିର ନେତୃମଣ୍ଡଳି ମୌଳିକ ପ୍ରସଙ୍ଗ ଉପରେ ସ୍ୱର ଉତ୍ତୋଳନ କରନ୍ତୁ । କଂଗ୍ରେସର ବିକଳ୍ପ ହିସାବରେ ଲୋକମାନଙ୍କର ଆସ୍ଥାଭାଜନ ହୁଅନ୍ତୁ । ତୈଳ ପ୍ରକଳ୍ପ ଓ ବିକ୍ରିକର ଛାଡ଼ ପ୍ରସଙ୍ଗ ଏ ପ୍ରକାର ଧାରଣାକୁ ଭିତ୍ତିହୀନ ବୋଲି ପ୍ରମାଣ କରିବା ପାଇଁ ଗୋଟିଏ ସୁଯୋଗ ଦେଇଛି । ନବୀନବାବୁ ଏ ସୁଯୋଗକୁ ହାତଛଡ଼ା କରନ୍ତୁ ନାହିଁ ।